ପ୍ରେସ୍ ନୋଟ୍

# ବିଧାନସଭା ଗୃହ କମିଟିର ଉପ-କମିଟି-୩ର ଅନୁଗୋଳ ଜିଲ୍ଲା ଗସ୍ତ ।

## ବିଭିନ୍ନ କଳକାରଖାନା ଓ ସ୍ପଞ୍ଜ ଆଇରନ ଦ୍ୱାରା ନିର୍ଗତ ହେଉଥିବା ଅଙ୍ଗାରକ ଦ୍ୱାରା ବାୟୁମଣ୍ଡଳ ପ୍ରଦୁଷିତ ହୋଇ ପରିବେଶ ପ୍ରଦୁଷଣ ହେଉଛି ।

ଅନୁଗୋଳ,ତା.୨୭.୯:- ଜିଲ୍ଲାର ପ୍ରଦୁଷଣର ସ୍ଥିତିକୁ ଅନୁଧ୍ୟାନ କରିବା ନିମନ୍ତେ ଗତକାଲି ଓଡିଶା ବିଧାନସଭାର ୪ ଜଣିଆ କମିଟି ଘସିପୁରା ବିଧାୟକ ଶ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଗୋଳ ଜିଲ୍ଲା ପରିଦର୍ଶନରେ ଆସିଥିଲେ । ଏହି କମିଟିରେ ବିଧାୟକ ଶ୍ରୀ ସାରଦା ପ୍ରସାଦ ନାୟକ, ବିଧାୟକ ଶ୍ରୀ ମନୋହର ରନ୍ଧାରି ଓ ବିଧାୟିକା ଶ୍ରୀମତୀ ମିନାକ୍ଷି ମହନ୍ତ ପ୍ରମୁଖ ଆସିଥିଲେ । କମିଟି ବିଭିନ୍ନ ଶିଳ୍ପ ସଂସ୍ଥା ତଥା ନରଭେରମ ପାୱାର ଆଣ୍ଡ ଷ୍ଟିଲ ଲିଃ., ଏମ୍ ଜି ଏମ୍ ମିନେରାଲ ଲିଃ. ଓ ଟାଟା ଷ୍ଟିଲ ଲିଃ. ପ୍ରଭୃତି କାରଖାନା ପରିଦର୍ଶନ କରି ଢେଙ୍କାନାଳ ଓ ଅନୁଗୋଳ ଜିଲ୍ଲାରେ ପ୍ରଦୁଷଣର ସ୍ଥିତି ଅନୁଧ୍ୟାନ କରିବା ସହ ଏହାର ନିୟନ୍ତ୍ରଣର କଣ ଉପାୟ ବିଭିନ୍ନ କାରଖାନାଗୁଡିକ ଅବଲମ୍ବନ କରିଛନ୍ତି ସେ ସମ୍ପର୍କରେ ପଚାରି ବୁଝିଥିଲେ । ଜାତୀୟ ରାଜପଥ ଉପରେ ବାୟୁ ପ୍ରଦ୍ୟୁଷଣ ପାଇଁ କଣ ପଦକ୍ଷେପ ନିଆଯାଇଛି । ୨ଟି ଜିଲ୍ଲାର ବାୟୁ ପ୍ରଦୁଷଣ ପରିବେଷର ଏକ ଅବିଛେଦ୍ୟ ଅଙ୍ଗ କିନ୍ତୁ, ଜନସଂଖ୍ୟା ବୃଦ୍ଧି, ସହରିକରଣ,ଶିଳ୍ପାୟନ ପରିବେଶ ଅବନତିର ମୁଖ୍ୟ କାରଣ ବୋଲି ଅଧ୍ୟକ୍ଷ ପ୍ରକାଶ କରିଥିଲେ । ଅଙ୍ଗାରକ ନିଃସରଣ ପରିବେଶର ଏକ ସାମ୍ପ୍ରତିକ ସମସ୍ୟା ଯାହା ବର୍ତ୍ତମାନ ସମୟରେ ପ୍ରଦୁଷଣ ଉଭୟେ ସ୍ଥାନୀୟ ଓ ବିଶ୍ୱ ସ୍ତରୀୟ ସମସ୍ୟା ଭାବେ ଉଭା ହୋଇଛି । ପ୍ରଦୁଷଣ ଆମ ସ୍ୱାସ୍ଥ୍ୟ ,ଜିବିତ ଅବସ୍ଥା ଓ ମଣିଷ ତଥା ଅନ୍ୟାନ୍ୟ ପ୍ରାଣୀମାନଂକ ଉପରେ ପ୍ରତିକୁଳ ପ୍ରଭାବ ସୃଷ୍ଟି କରୁଛି । ଅଙ୍ଗାରକ ନିଃସରଣ ଓ ପରିବେଶ ନିୟନ୍ତ୍ରଣ ଉପାୟ ବିଭିନ୍ନ ଲଘୁକରଣ ଉପାୟର କାର୍ଯ୍ୟକାରିତା ଉପରେ ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଥିଲେ । କାରଖାନାରୁ ନିର୍ଗତ ହେଉଥିବା ପାଉଁଶ, କଠିନ ବର୍ଜ୍ୟବସ୍ତୁ, ପୁନଃ ବ୍ୟବହାର ଓ ମୁଳ ବସ୍ତୁରେ ପରିବର୍ତ୍ତନ କରି ଏହାକୁ ଆଉଥରେ ବ୍ୟବହାର କରିବା ନିମନ୍ତେ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ । ଏଥିପାଇଁ ସରକାର ସବୁ କଳ କାରାଖାନାମାନଂକ ପାଇଁ ଆଇନ୍ ପ୍ରଣୟନ କରୁଛନ୍ତି ବୋଲି ଅଧ୍ୟକ୍ଷ ପ୍ରକାଶ କରିଥିଲେ । ଜିଲ୍ଲାରେ କଳାକାରଖାନାଗୁଡିକ ପ୍ରଦୁଷଣ ନିୟନ୍ତ୍ରଣ , ସି ଏସ୍ ଆର ଓ ନିଯୁକ୍ତିର କାର୍ଯ୍ୟକାରିତା ସମ୍ପର୍କରେ କଣ ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ସଦସ୍ୟମାନେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଂକୁ ସ୍ୱାଗତ ଜଣାଇବା ସହ ଜିଲ୍ଲାରେ କଳକାରଖାନା ଗୁଡିକରେ ସରକାରଂକର ବିଭିନ୍ନ ଆଇନ୍ ପ୍ରଣୟନ ଉପରେ ଗୁରୁତ୍ୱାରୋପ କରିଥିଲେ । ଗତକାଲି ଅପରାହ୍ନରେ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଅନ୍ୟମାନଂକ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀ ରଜନୀକାନ୍ତ ସ୍ୱାଇଁ ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଲଳିତ ମୋହନ ବେହେରା, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବଇତୁରା ଦିପ୍, ରାଜ୍ୟ ପ୍ରଦୁଷଣ ବୋର୍ଡର ଆଂଚଳିକ ଅଧିକାରୀ ଶ୍ରୀ ଅରୁପ ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ , କଳ କାରଖାନାର ଓ ସ୍ପଞ୍ଜ ଆଇରନ କାରଖାନାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା . ୫୬୯ ତା. ୨୭.୦୯. ୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଅନୁଗୋଳ ।

